Chapter- 06

# ବାଲୁତ ବୀର ସେ

**STUDY NOTES**

## MIND MAP



## କବିତାର ପୃଷ୍ଠଭୂମି

କବି ଅନନ୍ତ ପଟ୍ଟନାୟକଙ୍କ ଦେଶବତ୍ସଳ କବିପ୍ରାଣ ବାଳକ ବାଜିରାଉତର ଅନନ୍ୟ ଦେଶପ୍ରୀତିକୁ କବିତାରେ ରୂପଦେଇ ସମୁଜ୍ଜ୍ୱଳ କରିଛନ୍ତି । ବାସ୍ତବରେ ବାଜିରାଉତ ଦେଶପ୍ରେମର ଏକ ଅଦ୍ଭୁତ ଉଦାହରଣ । ମାତ୍ର ବାରବର୍ଷର ନାଉରୀ ପିଲା ସେ । ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନୀଳକଣ୍ଠପୁର ଗାଁର ଜଣେ ଗରିବ ଖଣ୍ଡାୟତ ସନ୍ତାନ । ୧୯୩୮ ମସିହାର ଗଡ଼ଜାତ ପ୍ରଜା ଆନ୍ଦୋଳନ ବେଳେ ସାହିଭାଇମାନଙ୍କ ନିଷ୍ପତିକ୍ରମେ ତା ଉପରେ ପଡ଼ିଥିଲା ବ୍ରାହ୍ମଣୀ ନଦୀଘାଟ ଜଗିବାର ଦାୟିତ୍ୱ । ବ୍ରିଟିଶ ଫୌଜଙ୍କୁ ନଦୀପାର କରାଇ ନ ଦେବାରୁ ସେମାନଙ୍କ ଗୁଳିଚୋଟରେ ସେ ସହିଦ ହେଲେ । ବାଳୁତ ବାଜିର ଅଦ୍ଭୁତ ଆତ୍ମତ୍ୟାଗରେ କବି ଅଭିଭୂତ ହୋଇ ଉଠିଛନ୍ତି । କବି ସଚ୍ଚି ରାଉତରାୟଙ୍କ ଭାଷାରେ

"ଏଡ଼ିକି ସେ ଅମାନିଆ ପିଲା

ଫଉଜର ଗୁଳି ଗୋଳା, ରଜା, ଝଡ଼, କିଛି ନ ମାନିଲା

ଧୂଳି ଖେଳ ଛାଡ଼ି

ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି ।"

## କବିତାର ସାର କଥା

ମାତ୍ର ବାରବର୍ଷର ଛୋଟିଆ ବୀର ବାଳକଟିଏ ବାଜିରାଉତ । ଗଡ଼ଜାତ ପ୍ରଜାମଣ୍ଡଳ ଆଦେଶରେ ବ୍ରାହ୍ମଣୀ ନଦୀଘାଟ ଜଗିବାର ଦାୟିତ୍ୱ ନେଇ ପୂର୍ବଦିନ ସନ୍ଧ୍ୟାରୁ ଘରୁ ବାହାରିଯାଇଛି । ସେଦିନ ରାତ୍ର ଆକାଶରେ ଖେଳୁଥିଲା ଦୋଳା ଦୋଳା ମେଘ । ମେଘ, ପବନ, ବରଷା, ବତାସ ସାଙ୍ଗକୁ ବିଜୁଳିର ଚମକ ପରିବେଶକୁ ଭୟଙ୍କର କରିଥିଲା । ହେଲେ ମଙ୍ଗରେ ହାତ ରଖି ନାଆମୁଣ୍ଡରେ

କାତ ଓ ଆହୁଲାକୁ ଢ଼େରିଦେଇ ନାଆ ଉପରେ ନିଜ ଦାୟିତ୍ୱ ସମ୍ପର୍କରେ ସଚେତନ ଥିଲା ନାଉରୀ ପିଲା ବାଜିରାଉତ ।

ସୂର୍ଯ୍ୟୋଦୟର ଅବ୍ୟବହିତ ପୂର୍ବରୁ, ପକ୍ଷୀମାନଙ୍କ କାକଳି ଶୁଭିବା ପୂର୍ବରୁ ଫିକା ଅନ୍ଧାର ଭିତରେ ନଈ ସେପାରିରୁ କିଏରେ ନାଉରି ବୋଲି ଡ଼ାକ ଶୁଭିଲା । ତୁରନ୍ତ ନଦୀପାର କରାଇ ଦେବାପାଇଁ କର୍କଶ ସ୍ୱରର ଆଦେଶ ନଦୀକୂଳରେ ପ୍ରତିଧ୍ୱନିତ ହେଲା । ସାରା ରାତି ଉଜାଗର ଥିବା ଅବଶ ଆଖି ତାର ମୁଦି ହୋଇ ଆସୁଥିଲା ବେଳେ ଏପରି ଅପରିଚିତ ରୁକ୍ଷ ଆଦେଶ ତାର ଅଳସ ଭଙ୍ଗ କରିଥିଲା । ନିଦ ମଳମଳ ଆଖିରେ ସେ ନଦୀ ଆରପାରିରେ ଫଉଜଙ୍କୁ ଦେଖିପାରିଲା । ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହୋଇଉଠିଲା । ନଦୀକୂଳରୁ ବିଲ ପାଟ ଦେଇ ନାଆ ବାହିନେଲା ଦୂରକୁ ଦୂରକୁ । ପଛରୁ କର୍କଶ ସ୍ୱରରେ ପାରି କରିବାପାଇଁ ଘନ ଘନ ଆଦେଶ ଆସୁଥବଲେ ମଧ୍ୟ ବାଜି ସେଥିରେ ବିଚଳିତ ହୋଇ ନଥିଲା । ସାମାନ୍ୟ ବାଳକଟିଏ ହୋଇ ଆଦେଶକୁ ଅବଜ୍ଞା କରୁଥିବାରୁ କ୍ରୋଧାନ୍ୱିତ ହୋଇ ଉଠିଥିଲେ ଫିରିଙ୍ଗି ଫଉଜ । କବିଙ୍କ ଭାଷାରେ –

"ପିଲା ବକଟେ ତୁ ଆମକୁ, ଦେଖି, ନ ରଗା !'

ଲଗା ନାହା ପଛେ ଘାଟ ଅଘାଟରେ ଲଗା !"

"ଭାଇର ଆଦେଶ ନାହିଁ ଏବଂ ନାଆ ନେବି ନାହିଁ" ବୋଲି ବୀରଦର୍ପରେ ଉତର ଦେଇଥିଲା ବାଜିରାଉତ । ତାଛଲ୍ୟ ହସ ସହ ସଳଖ ଉତର ତା ମୁହଁରୁ ବାହାରି ଆସିଥିଲା । ଆତତାୟୀ, ରକ୍ତପିପାସୁ ସିପାହିଙ୍କୁ ସେ କଦାପି ପାରି କରିଦେବନାହିଁ ବୋଲି ଦୃଢ଼ କଣ୍ଠରେ ଉତର ଦେଇଥିଲା । ସାମାନ୍ୟ ନାଉରୀ ବାଳକର ଏତାଦୃଶ ହେୟଜ୍ଞାନ ଓ ବେଖାତିର ଉତର ସିପାହିମାନଙ୍କୁ ଅସହ୍ୟ ବୋଧ ହୋଇଥିଲା । ଅବିଳମ୍ବେ ବନ୍ଧୁକ ମୁନରୁ ଗୁଳି ଛୁଟିବାକୁ ଲାଗିଲା ଓ ଆଖି ପଲକ ମାତ୍ରକେ ବାଳୁତ ବୀର ବାଜି ଟଳିପଡ଼ିଲା ନାଆଉପରେ । ଖାଲି ସେତିକିରେ ସିପାହିମାନଙ୍କ କ୍ରୋଧ ଶାନ୍ତ

ହୋଇନଥିଲା । ପହଁରି ପହଁରି ନଦୀପାର ହୋଇ ସେମାନେ ବାଜିର ଅଷ୍ଟାଙ୍ଗ ଶରୀରକୁ ସେ ସଙ୍ଗିନ ମୁନରେ ଭୂଷିବାରେ ଲାଗିଲେ । ବାଳକ ବାଜି ଦେହର ଉଷ୍ଣ ରକ୍ତରେ ରଞ୍ଜିତ ହେଲା ନାଆ । ସେତେବେଳକୁ ତାର ମୁଣ୍ଡର ଖପୁରି ଓଲଟି ପଡ଼ିଥିଲା ।

ମୃତ୍ୟୁକୁ ଉପହାସ କରି ବାଜିରାଉତ ଗୁଳିବଦ୍ଧ ହୋଇ ଦେଶ ପାଇଁ ସହିଦ ହୋଇଗଲା । ତା ଦେହର ସେହି ଉଷ୍ଣ ରକ୍ତଧାରା ପରାଧୀନ ଦେଶର ଦଳିତ ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ବିଜୟ ସଂକେତ ଦେଇଗଲା । ପ୍ରବଳ ପ୍ରତାପୀ ଦୁର୍ଦ୍ଧର୍ଷ ବ୍ରିଟିଶ ସରକାରଙ୍କ ସ୍ୱେଚ୍ଛାଚାରୀ ଶାସନ ବିରୁଦ୍ଧରେ, ବୀର ବିକ୍ରମରେ ସଂଗ୍ରାମ କରିବାକୁ ପ୍ରେରଣା ଦେଇଗଲା । ବନ୍ଧୁକର ଶବ୍ଦ ଶୁଣି ଆଖପାଖ ଗାଁ ଲୋକ ବିଲ-ପାଟ ଦେଇ ଧାଇଁ ଆସିଲେ; କିନ୍ତୁ ସେତେବେଳକୁ ବାଜି ଚାଲିଯାଇଥିଲା ଆରପାରିକୁ ।

ମେଘୁଆ ଆକାଶ କ୍ରମେ ପରିଷ୍କାର ହୋଇ ଆସୁଥିଲା । ନରମ କିରଣ ବିଂଚି ସୂର୍ଯ୍ୟ ଉଇଁ ଆସୁଥିଲେ ପୂର୍ବାକାଶରେ । ସମବେତ ଜନତା ଅନୁଭବ କରୁଥିଲେ ସତେ ଯେପରି ନଦୀକୂଳର କଅଁଳ ଘାସ ବାଲୁତ ବୀର ବାଜିରାଉତର ସ୍ପର୍ଶ ପାଇ ଥରିଉଠୁଥିଲା ଏବଂ ସଦର୍ପେ କହୁଥିଲା –

"ଅତ୍ୟାଚାରୀର ଶାସନ ସରିଲା !

ଭୟ ନାହିଁ ! ଭୟ ନାହିଁ ! !"

ଗରିବ ନାଉରିଆ, ବାଲୁତ ବୀର ବାଜିରାଉତ ମରି ମଧ୍ୟ ଆଜି ଅମର ହୋଇ ରହିଛି । ଅନନ୍ୟ ଦେଶପ୍ରୀତିର ଅପୂର୍ବ ଉଦାହରଣ ହୋଇ ସେ ଦେଶବାସୀଙ୍କ ଶୀତଳ ଧମନୀରେ ଉଷ୍ଣତା ଭରିଦେଉଛି ।

ODM EDUCATIONAL GROUP Changing your Tomorrow